# ସରକାର

ସରକାର ଆହେ ସରକାର ତୁମେ
ଏବେ ହୁଅ ହୁସିଆର
ଚରମ ପତ୍ର ଦିଅଇ ତୁମରେ
ଲାଞ୍ଛିତ କ୍ଷୁଧାତୁର

ଶୁଣିକି ପାରନା ଦୀନ ଜନତାର
ବୁଭୁକ୍ଷୁ କ୍ରନ୍ଦନ ଧ୍ୱନୀ
ଭୋକ ସହି ସହି ନିରୀହ ଜର୍ନତା
ସରମରେ ରହେତୁନୀ

ଖବର କାଗଜ ପରଦେ ପରଦେ
ନାହିଁ ବିବୃତି ଦିଅ
ଲାଞ୍ଛିତ ଆଉ ଦଳିତ ଜନତା
ପାଶେ ଆସି ଠିଆ ହୁଅ

ବିକ୍ଷୁବ୍ଧ ଜନତା ଅସୀ ଝଲସାଇ
ଯେବେ ଯିବେ ପଥ ହୁଟି
ସଚିବ ଆଳୟ ଲୌହ କପାଟକୁ
ପାରିବନି ରୋକି ବେଢି

ବଞ୍ଚିବା ଯେବେ ଜୀବନର ଆଶା
ବେଳୁ ହୁଅ ହୁସିଆର
ପ୍ରତିକାର ଭାବ ପ୍ରତିକାର କର
ସାବଧାନ ସରକାର

ଶାସନ ଧର୍ମ ଧ୍ୱଜା ଧାରୀ ଯେତେ
ଘୃଣ୍ୟ ହୀନ ପଶୁଦଳ
ଓଦା ଗାମୁଛାରେ ଯାର ପେଟପୂରେ
ତା ପାଇଁ କେଉଁ ବିଚାର

ଗୋଦାମରେ ଥିଲେ ଚାଉଳ ଗହମ
ଲକ୍ଷ ଲକ୍ଷ କୁଇଣ୍ଟାଲ
ବୁଭୁକ୍ଷୁ ଜନତା ପେଟ ପୁରିବକି
ବୁଝେ କିଏ ତାର ହାଲ

ସରକାର ତୁମେ ଚେତାବନୀ ନିଅ
ହୁଅ ଆଜୁ ହୁସିଆର
ଜନତାର ଦୁଃଖେ ଗଡ଼ାଅ ଅଶ୍ରୁ
ଅନ୍ତ ଲଭୁ ବେଦନାର

ବୁଭୁକ୍ଷୁ ଜନତା ଶାଣ ତରବାରୀ
ଆଘାତ ପାରିନି କରି
ଦାମ୍ଭିକ ତୁମେ ପ୍ରସ୍ତୁତ ହୁଅ
ଯାଅହେ ସାମନା କରି

ଚିର ସଂଗ୍ରାମୀ ଜୀବନ ଜନତା
ଚିର ଲାଞ୍ଛନା ପାଇ
ଦାବାନଳ ସମ ସୃଜିବ ଅନଳ
ଯିବ ପାପ ଭସ୍ମ ହୋଇ

ଖୋଲି ଦିଅ ତୁମ ଶସ୍ୟ ଭଣ୍ଡାର
ବିକ୍ଷୁବ୍ଧ ଜନତା ପାଇଁ
ସେ ବଞ୍ଚିଲେ ତୁମେ ବଞ୍ଚିବା ହେବ
ତା ମରଣେ ମୃତ୍ୟୁ ହୋଇ

ସେଦିନ ତୁମର ବୁକେ ପଡିବ
ସହସ୍ର ଅସୀର ଗାର
ହୁସିଆର ତୁମେ, ହୁସିଆର ଆଜୁଁ
ହୁସିଆର ସରକାର ... ❑❑❑

